# କେନ୍ଦୁଝର: ମାନ୍ୟବର ରାଜ୍ୟପାଳଙ୍କ ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତ: ମଣିଷର ବିବର୍ତନ ପ୍ରକ୍ରିୟାରେ ଆଧାତ୍ମିକ ପ୍ରଗତି ଏକାନ୍ତ ଆବଶ୍ୟକ- ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ





କେନ୍ଦୁଝର, ୩୦/୧୧: ଭୌତିକ ପ୍ରଗତି ସମ୍ପୂର୍ଣ୍ଣ ପ୍ରଗତି ନୁହେଁ। ଏହା ସହିତ ମଣିଷର ବିବର୍ତନ ପ୍ରକ୍ରିୟାରେ ଆଧାତ୍ମିକ ପ୍ରଗତି ଏକାନ୍ତ ଆବଶ୍ୟକ । ତାହା ହିଁ ମଣିଷ ପାଇଁ ଅସଲ ବିବର୍ତନ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। କେନ୍ଦୁଝର ଜିଲ୍ଲାକୁ ତା୨୯/୧୧/୨୦୧୮ରିଖରୁ ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ତା୩୦/୧୧/୨୦୧୮ରିଖ ଦିନ ସକାଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଠାରେ ଛାତ୍ରଛାତ୍ରୀମାନଙ୍କ ସହ ବାର୍ତାଳାପ ଜରିଆରେ ମାନ୍ୟବର ରାଜ୍ୟପାଳ ଏହା କହିଛନ୍ତି। ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମାନ୍ୟବର ରାଜ୍ୟପାଳ  କହିଥିଲେ ଯେ, ଭୌତିକ ପ୍ରଗତି କ୍ଷଣସ୍ଥାୟୀ। କିନ୍ତୁ ଆଧାତ୍ମିକ ପ୍ରଗତି ମଣିଷକୁ ଉଚ୍ଚତର ସୋପାନକୁ ନେଇଯାଏ। ଶବ୍ଦକୁ ମାନ୍ୟବର ରାଜ୍ୟପାଳ ତର୍ଜମା କରିଥିଲେ। ପିଲାମାନଙ୍କୁ କେତୋଟି ପ୍ରଶ୍ନ ପଚାରିଥିଲେ ଏବଂ ଉତ୍କର୍ଷ କଣ, ଧର୍ମ କଣ, ବିନମ୍ରତା କଣ ବୋଲି ପିଲାମାନଙ୍କୁ ପ୍ରଶ୍ନ ପଚାରିଥିଲେ। କୋମଳମତି ପିଲାମାନଙ୍କର ଉତରରେ ମାନ୍ୟବର ରାଜ୍ୟପାଳ ଅତୀବ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଏହି ଶବ୍ଦର ବ୍ୟାପକ ଅର୍ଥକୁ ନେଇ ଏହାର ସାମ୍ପ୍ରତିକ ପ୍ରାସଙ୍ଗିକତା ତର୍ଜମା କରିଥିଲେ। ସମ୍ପ୍ରତି ମଣିଷ ଅଂହକୈନ୍ଦ୍ରିକ ହୋଇଯାଉଛି। ଏହା ମଣିଷର ଅଗ୍ରଗତିର ପ୍ରମୁଖ ଅନ୍ତରାୟ। ଅହଂକୈନ୍ଦ୍ରିକତାରୁ ମୁକ୍ତ ହୋଇ ବ୍ରହ୍ମାଣ୍ଡକୈନ୍ଦ୍ରିକ ହେବା ପାଇଁ ମାନ୍ୟବର ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଧର୍ମ ସମ୍ପର୍କରେ ମାନ୍ୟବର ରାଜ୍ୟପାଳ କହିଥିଲେ ଯେ, ସତ୍ୟ ଏକ ଓ ଅଭିନ୍ନ। ଏହି ସତ୍ୟ ପାଇଁ ବିଭିନ୍ନ ମାର୍ଗ ରହିଛି। ବିଭିନ୍ନ ମାର୍ଗ ମଧ୍ୟରେ ସଂଘର୍ଷ ଆଦୌ ଗ୍ରହଣୀୟ ନୁହେଁ। ସତ୍ୟର ପ୍ରତିଷ୍ଠା କରିବା ଓ ସତ୍ୟକୁ ଆଧାର କରିବା ଧର୍ମର ପ୍ରମୁଖ ଆଭିମୁଖ୍ୟ। ଏହାକୁ ଜୀବନଶୈଳୀରେ ଅନୁକରଣ କରିବାକୁ ମାନ୍ୟବର ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପ୍ରତି ମଣିଷ ପରମାତ୍ମାର ଅଂଶବିଶେଷ। ପିଣ୍ଡ ଭିତରେ ବ୍ରହ୍ମାଣ୍ଡ ରହିଛି। ବ୍ରହ୍ମାଣ୍ଡର ଯେକୌଣସି ସ୍ଥାନରେ କିଛି ଘଟିଲେ ସମଗ୍ର ବ୍ରହ୍ମାଣ୍ଡ ଉପରେ ପ୍ରଭାବ ପଡେ। ଏଠାରେ ଫୁଲଟିଏ ଛିଣ୍ଡିଲେ ବ୍ରହ୍ମାଣ୍ଡର ଯେକୌଣସି ସ୍ଥାନରେ ପ୍ରତିକ୍ରିୟା ପ୍ରକାଶ ପାଏ । ଏଣୁ ପିଣ୍ଡ ଓ ବ୍ରହ୍ମାଣ୍ଡ ମଧ୍ୟରେ ସମନ୍ୱୟ ରହିଛି। ପ୍ରତ୍ୟେକ ମଣିଷ ଦିବ୍ୟତ୍ୱର ଅଂଶ ବିଶେଷ ଓ ଆଧାର। ଏହି ଚେତନାକୁ ଗ୍ରହଣ କରି ଅର୍ନ୍ତନିହିତ ଦିବ୍ୟତ୍ୱକୁ ପ୍ରକାଶିତ ଓ ପ୍ରସ୍ଫୁଟିତ କରିବାକୁ ପିଲାମାନଙ୍କୁ ମାନ୍ୟବର ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ମାନ୍ୟବର ରାଜ୍ୟପାଳଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସଭାପତି ଡଃ କାର୍ତିକ ଚନ୍ଦ୍ର ମିଶ୍ର ପ୍ରାରମ୍ଭରେ ମାନ୍ୟବର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କାର୍ଯ୍ୟକ୍ରମ ପୂର୍ବରୁ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୌତମ ବୁଦ୍ଧ, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲାବାହାଦୁର ଶାସ୍ତ୍ରୀ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତି ଉନ୍ମୋଚନ କରିବା ସହିତ ଡଃ କେଶବ ବଳିରାମ ହେଡ୍‌ଗେୱାର ଏବଂ ମାଧବ ସଦାଶିବ ଗଲୱାଲକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ସୂଚନାଯୋଗ୍ୟଯେ, ତା୨୯/୧୧/୨୦୧୮ରିଖ ସନ୍ଧ୍ୟାରେ ମାନ୍ୟବର ରାଜ୍ୟପାଳ ଘଟଗାଁ ବ୍ଲକ ଅର୍ନ୍ତଗତ ତରା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ସମାରୋହ ଏବଂ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ନଗରଭବନଠାରେ ପୂର୍ବୋତର କ୍ଷେତ୍ରୀୟ ବେଦ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍‌ବୋଧନ ଦେଇଥିଲେ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,କେନ୍ଦୁଝର